## ବଟି ମାଗି ଜଣେ ଗିରଫ

ଭୁବନେଶ୍ୱର,(ବ୍ୟୁରୋ): ଅଟୋ ଚାଳକଙ୍କୁ ବଟି ମାଗିବା ସହ ମାଡ ମାରିବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଭୀମପୁର ଅଞ୍ଚଳର ସୁକାନ୍ତ ନାଏକ। ତାଙ୍କ ନାଁରେ ରାଜଧାନୀର ବିଭିନ୍ନ ଥାନାରେ ୨୩ଟି ମାମଲା ରହିଥିବା ପୋଲିସ ସୂଚନା ଦେଇଛି। ଅଭିଯୋଗ ଅନୁଯାୟୀ, ସୁକାନ୍ତ ଏୟାରପୋର୍ଟ ଛକରେ ଥିବା ଅଟୋଷ୍ଟାଣ୍ଡରୁ ଅଟୋଚାଳକଙ୍କଠାରୁ ଦାଦାବଟି ଆଦାୟ କରିଥାନ୍ତି। କାର୍ଗିଲ୍ ବସ୍ତିରେ ରହୁଥିବା ନରେଶ ନାଥଙ୍କୁ ବଟି ମାଗି ମାଡ ମାରିବା ସହ ହତ୍ୟା ଧମକ ଦେଇଥିବା ନେଇ ତାଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଥିଲେ।

## ସଂକ୍ଷେପରେ

### ୬ ହାଇୱା ଜବତ

**କଟକ ସଦର,୫।୧୨(ଡି.ଏନ୍.ଏ.):** ୪୨ ମୌଜା ଫାଣ୍ଡି ଅଧୀନ ଶ୍ରୀରାମ ଗ୍ରାମ ନିକଟ କାଠଯୋଡ଼ି ନଦୀରୁ ବାଲି ଚୋରା ଚାଲାଣବେଳେ ଶନିବାର ତହସିଲ ଓ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ୬ଟି ହାଇୱା ଜବତ କରାଯାଇଛି। ପରେ ଉକ୍ତ ହାଇୱାଗୁଡିକୁ ଫାଣ୍ଡିରେ ରଖାଯାଇଛି। ସୂଚନାଥାଉ କି, ଉକ୍ତ ଅଞ୍ଚଳରେ ଥିବା ସମସ୍ତ ନିଲାମ ବାଲିଘାଟ ବନ୍ଦ ରହିଛି। ହେଲେ ପ୍ରତିଦିନ ବାଲି ଚୋରାରେ କଟକ ସହରକୁ ଚାଲାଣ ହେଉଥିବା ଖବର କଟକ ସଦର ତହସିଲଦାର ସମ୍ବିତ୍ ଗଡ଼ନାୟକଙ୍କ ପାଖରେ ପହଞ୍ଚିଥିଲା।

### ମହିଳାଙ୍କୁ ଛୁରାମାଡ଼

**ପୁରୁଣା ଭୁବନେଶ୍ୱର,୫।୧୨(ଡି.ଏନ୍.ଏ.):** ଧଉଳି ଥାନା ଅଧୀନ ଶିଶୁପାଳଗଡ଼ ଗ୍ରାମର କାବେରି ସୁନ୍ଦରାୟଙ୍କୁ ଛୁରାମାଡ଼ ହୋଇଥିବା ଶନିବାର ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ପୁରୀ ଜିଲା ଡ଼େଲାଙ୍ଗ ଅଞ୍ଚଳର କାବେରି ୨୯ ଜାନୁୟାରୀ ୨୦୧୯ରେ ଶିଶୁପାଳଗଡ଼ ଗ୍ରାମର କାର୍ତ୍ତିକ ସୁନ୍ଦରାୟଙ୍କୁ ବିବାହ କରିଥିଲେ। ଶନିବାର କୌଣସି କାରଣ ନେଇ ଶାଶୁଘର ଲୋକେ ଗାଳିଗୁଲଜ କରିବା ସହ ଛୁରିରେ ଆକ୍ରମଣ କରିଥିଲେ।

### ସିଫାରେ ମହିଳା କୃଷି ଦିବସ

**ବାଲକାଟୀ/ପିପିଲି,୫।୧୨ (ଡି.ଏନ୍.ଏ./ସ୍ୱ.ପ୍ର.):** ଆଇସିଏଆଇ କେନ୍ଦ୍ରୀୟ ମଧୁରଜଳ କୃଷି ଗବେଷଣା କେନ୍ଦ୍ର ପ୍ରତିଷ୍ଠାନ କୌଶଲ୍ୟାଗଙ୍ଗ ଓ କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ବାଲିପାଟଣା ବ୍ଲକର ରାଜସ ଗ୍ରାମରେ ମହିଳା କୃଷି ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସେଣ୍ଟର ଫର ଆକ୍ୱନ ରିସର୍ଚ୍ଚ ଏଣ୍ଡ ଡକ୍ୟୁମେଣ୍ଟେଶନର ନିର୍ଦ୍ଦେଶିକା ମଞ୍ଜୁ ଧଳ ମୁଖ୍ୟଅତିଥି, ସମ୍ମାନିତ ଅତିଥି ରାଜସ ସରପଞ୍ଚ ବାସୁଦେବ ପାଳ ଯୋଗଦେଇ ସରକାରୀ ସ୍ତରରେ କୃଷି ପାଇଁ ମହିଳାଙ୍କୁ ଦିଆଯାଇଥିବା ସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ବିଭାଗୀୟ ମୁଖ୍ୟ ଡ.ବି.ଆର. ପିଲାଇ ଓ ସିଫା ନିର୍ଦ୍ଦେଶକ ଡ. ସରୋଜ ସ୍ୱାଇଁ ସିଫାର ବିଭିନ୍ନ ଆକର୍ଷଣୀୟ କାର୍ଯ୍ୟକ୍ରମ ବିଷୟରେ କହିଥିଲେ। ବୈଜ୍ଞାନିକ ଡ.କାନ୍ତଦାସ ମହାପାତ୍ର, ଅଧିକାରୀ ଅଜୟ ଦାଶ, ନିଗମ ସାରସ୍ୱତ କୃଷକ କ୍ଲବ ସଭାପତି ପ୍ରତାପ ଚନ୍ଦ୍ର ନାୟକ ଯୋଗଦେଇଥିବାବେଳେ ୧୩୦ଜଣ ମହିଳା ଉପସ୍ଥିତ ଥିଲେ।

### ବ୍ରିଜ୍ ନିର୍ମାଣ ପୂର୍ବରୁ ଜନଅସନ୍ତୋଷ

**ବାରଙ୍ଗ,୫।୧୨(ଡି.ଏନ୍.ଏ.):** କେନ୍ଦୁପାଟଣା କଲେଜ ଛକରେ ଦୟାକେନାଲ ଉପରେ ଏକ ବ୍ରିଜ୍ ଥିଲା। ତାହା ବହୁ ପୁରୁଣା ଓ ଅବସ୍ଥା ଶୋଚନୀୟ ହୋଇପଡ଼ିଥିବାରୁ ସେଠାରେ ଏକ ନୂତନ ବ୍ରିଜ କରିବା ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହି ବ୍ରିଜକୁ ବିଧାନସଭା ନିର୍ବାଚନ ପୂର୍ବରୁ ବିଜୁ ସେତୁ ଯୋଜନାରେ ସାମିଲ କରାଯାଇ ପ୍ରାୟ ଦେଢ଼ କୋଟିରୁ ଉର୍ଦ୍ଧ୍ୱ ଅର୍ଥ ବ୍ୟୟବରାଦ କରାଯାଇଥିଲା। ଏହାପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଭୁବନେଶ୍ୱରର ପଦାଧିକାରୀମାନେ ଦୁର୍ବଳ ଥିବା ବ୍ରିଜ ପାଖରୁ ମୃତ୍ତିକା ପରୀକ୍ଷା କରିବା ସହ କୋଭିଡ୍ ପୂର୍ବରୁ ନୂଆ ବ୍ରିଜ୍ ପାଇଁ ଟେଣ୍ଡର କରାଇଥିଲେ। ଏବେ ଏହି ବିଭାଗର ଅଧିକାରୀମାନେ କୌଣସି କାରଣରୁ ପୁରୁଣା ବ୍ରିଜ୍‌ଠାରୁ ୫୦୦ମିଟର ଦୂରରେ ନବନିର୍ମାଣ ବ୍ରିଜ କରିବା ପାଇଁ ଯୋଜନା କରିଥିଲେ। ବିଭାଗର ଏହି ଯୋଜନାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ନୂଆ ବ୍ରିଜ୍ ସେଠାରେ ହେଲେ ସ୍କୁଲ ପିଲାଙ୍କ ପାଇଁ ବିପଦ ସୃଷ୍ଟି ହେବାର ସମ୍ଭାବନା ରହିଛି।

### ବିଜେଡିର କାର୍ଯ୍ୟକାରିଣୀ ବୈଠକ

**ମାହାଙ୍ଗା,୫।୧୨(ସ୍ୱ.ପ୍ର.)** ମାହାଙ୍ଗା ବ୍ଲକର ବାଜପୁରାଠାରେ ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜେଡି ସଭାପତି ରାଜକିଶୋର ଜେନା ଅଧକ୍ଷତା କରିଥିଲେ। ସ୍ଥାନୀୟ ବିଧାୟକ ତଥା ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇଥିଲେ। ଏହି ଅବସରରେ ସର୍ବସମ୍ମତିକ୍ରମେ ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କୁ କଟକ ଜିଲା ବିଜେଡି ଉପସଭାପତି, କନକଲତା ବେହେରାଙ୍କୁ ଜିଲା ବିଜେଡି ସାଧାରଣ ସମ୍ପାଦିକା, ସେକ୍ ମୋତିଭର ରସୁଲଙ୍କୁ ରାଜ୍ୟ ସଂଖ୍ୟାଲଘୁ ସଦସ୍ୟ, ହାନିଫ ଖାଁ ଓ ମିରାଜକାସିମ ବେଗଙ୍କୁ ଜିଲା ସଂଖ୍ୟାଲଘୁ ସଦସ୍ୟଭାବେ ଘୋଷଣା କରାଯାଇଥିଲା। ଅନ୍ୟାନ୍ୟ ପଦବୀ ନିମନ୍ତେ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା।

# ୧୮ କୋଟି ଠକେଇର ଖୋଳତାଡ଼ ଆରମ୍ଭ

**ଭୁବନେଶ୍ୱର, ୫।୧୨ (ବ୍ୟୁରୋ)**

### ୨ ଅଟକ, ବ୍ୟାଙ୍କକୁ ଚିଠି ଲେଖିଲା ପୋଲିସ

ଜଗନ୍ନାଥଧାମ ସୁପର ଷ୍ଟ୍ରକ୍ଚର ପ୍ରାଇଭେଟ୍ ଲିମିଟେଡ୍‌ରୁ ୧୮ କୋଟି ଠକେଇ ଅଭିଯୋଗର ୫ମାସ ପରେ ନୟାପଲ୍ଲୀ ଥାନା ପୋଲିସ ତଦନ୍ତକୁ ଜୋର୍‌ଦାର କରିଛି। ଏହି ଘଟଣାରେ ଫେରାର ଥିବା ଦୁଇ କର୍ମଚାରୀଙ୍କୁ ଶନିବାର ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏଥିସହ କମ୍ପାନୀ ନାମରେ ଥିବା ଚେକ୍ କିମ୍ବା କୌଣସି ବଣ୍ଡରୁ ଟଙ୍କା ଉଠାଣ ଉପରେ ରୋକ୍ ଲଗାଇବା ପାଇଁ କମିଶନରେଟ୍ ପୋଲିସ ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ନୟାପଲ୍ଲୀ ଶାଖାକୁ ଚିଠି ଲେଖିଛି। ଅଭିଯୋଗ ଅନୁଯାୟୀ, ନୟାପଲ୍ଲୀ ଥାନା ଅନ୍ତର୍ଗତ ଆଇଆରସି ଭିଲେଜରେ ଉକ୍ତ କନଷ୍ଟ୍ରକ୍ସନ ସଂସ୍ଥା ରହିଛି। ଭୁବନେଶ୍ୱରର ନନ୍ଦକିଶୋର ବେହେରା ନିର୍ଦ୍ଦେଶକ ଓ ତାଙ୍କ ସ୍ତ୍ରୀ ଦମୟନ୍ତୀ ବେହେରା ପରିଚାଳନା ନିର୍ଦ୍ଦେଶକ ଅଛନ୍ତି। କମ୍ପାନୀର ପରିଚାଳନା ଦାୟିତ୍ୱରେ ଥିବା ୪ ବନ୍ଧୁ ଜାଲ୍ ଦସ୍ତଖତ ମାଧ୍ୟମରେ ୧୮କୋଟି ଟଙ୍କା ଠକି ନେଇଥିବା ସଂକ୍ରାନ୍ତରେ ନନ୍ଦକିଶୋର ଜୁନ୍ ୨୯ରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ପୋଲିସ ସୂଚନାନୁସାରେ, କଲେଜ ସମୟରୁ ଅଭିଯୁକ୍ତମାନେ ନନ୍ଦକିଶୋରଙ୍କ ବନ୍ଧୁ ଥିଲେ। ସେ କନଷ୍ଟ୍ରକ୍ସନ କମ୍ପାନୀ ଖୋଲିବା ପାଇଁ ସେହି ବନ୍ଧୁମାନଙ୍କୁ ପାର୍ଟନର ହେବାକୁ କହି ଆର୍ଥିକ ସହାୟତା ମାଗିଥିଲେ। ହେଲେ ନନ୍ଦକିଶୋର ସେମାନଙ୍କୁ ପାର୍ଟନର ନ କରି କମ୍ପାନୀର କାରବାର ବୁଝିବାକୁ ଦେଇଥିଲେ। ନନ୍ଦକିଶୋର ଓ ଦମୟନ୍ତୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ୪ଜଣ ସହଯୋଗୀ କମ୍ପାନୀକୁ ଲୁଟିବାକୁ ଉଦ୍ୟମ କରିଥିଲେ। ଯୋଜନା ମୁତାବକ ଏମାନେ ପ୍ରଥମେ ନନ୍ଦକିଶୋର ଓ ତାଙ୍କ ସ୍ତ୍ରୀଙ୍କ ଡିଜିଟାଲ ଦସ୍ତଖତକୁ ଚୋରି କରି ନେଇଥିଲେ। ପରେ ଏହାର ଜାଲ କରି ନିଜକୁ କମ୍ପାନୀ ପାର୍ଟନର ଭାବେ ଦର୍ଶାଇ ଆକାଉଣ୍ଟରୁ ବିଭିନ୍ନ ପର୍ଯ୍ୟାୟରେ ୧୮ କୋଟି ୩୧ ଲକ୍ଷ ୪୮ ହଜାର ଟଙ୍କା ଉଠାଇ ନେଇଥିଲେ। ଅନ୍ୟପଟେ ଧରାପଡିଥିବା ଅଭିଯୁକ୍ତ ଦ୍ୱୟ କହିଛନ୍ତି, ସେମାନଙ୍କର ମୋଟା ଅଙ୍କର ଟଙ୍କା ଏହି ବେପାରରେ ଲାଗିଛି। ହିସାବ ହେଲେ ଏହାଠାରୁ ଆମେ ଅଧିକ ଟଙ୍କା ପାଇବୁ। ଏଣୁ ଅଭିଯୋଗ ମିଥ୍ୟା ବୋଲି ସେମାନେ କହିଛନ୍ତି। ଏ ନେଇ ଥାନାଧିକାରୀ ଶରତ ସାହୁ କହିଛନ୍ତି, ୪ ଅଭିଯୁକ୍ତ ଫେରାର ହୋଇଛନ୍ତି। ୨ ଜଣଙ୍କୁ ଧରି ପଚରାଉଚରା କରାଯାଉଛି। ସମସ୍ତ କାଗଜପତ୍ର ସଂଗ୍ରହ କରାଯାଇଛି। ଦସ୍ତଖତଗୁଡିକ ଅସଲି କି ନକଲି ଜାଣିବା ପାଇଁ ରାଜ୍ୟ ହାଣ୍ଡରାଇଟିଂ ବ୍ୟୁରୋକୁ ପଠାଯାଇଛି।




ଶହୀଦ ଜୟୀ ରାଜଗୁରୁଙ୍କ ୨୧୪ ତମ ବଳିଦାନ ଦିବସ ଅବସରରେ ପୁରୀ ବେଳାଭୂମିରେ ବାଲୁକା ଶିଳ୍ପୀ ସୁଦାମ ପ୍ରଧାନଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

# ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ଦାବି, ୫୧୫ ଦିନରେ ପଦଯାତ୍ରା

**ଭୁବନେଶ୍ୱର, ୫।୧୨(ବ୍ୟୁରୋ)**

### ଭୁବନେଶ୍ୱରରେ ପହଞ୍ଚିଲେ ସତ୍ୟବ୍ରତ



ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦାବିରେ ଦେଢ଼ବର୍ଷ ହେବ ପଦଯାତ୍ରା ଜାରି ରଖିଛନ୍ତି ଜଗତ୍‌ସିଂହପୁର ବାଲିକୁଦାର ସତ୍ୟବ୍ରତ ଦାସ। ସାରା ରାଜ୍ୟ ବୁଲି ବାର୍ତ୍ତା ବାଣ୍ଟୁଛନ୍ତି। ମାତ୍ର ୩୦ ବର୍ଷ ବୟସରେ ସେ ଓଡ଼ିଶା ପାଇଁ ଚିନ୍ତା କରୁଛନ୍ତି। ଜଣେ ଓଡ଼ିଆ ହୋଇ ଗର୍ବ ଅନୁଭବ କରିବା ସହିତ ଓଡ଼ିଶାର ସ୍ୱାଭିମାନ ପାଇଁ ଅଦମ୍ୟ ଚେଷ୍ଟା କରୁଛନ୍ତି। ୨୦୧୯ ଜୁଲାଇ ୧୦ରୁ ସେ ଏହି ପଦଯାତ୍ରା ଯାଜପୁର ଜିଲା ବଡ଼ଚଣା ବ୍ଲକ୍‌ରୁ ଆରମ୍ଭ କରିଥିଲେ। ଶନିବାର ପଦଯାତ୍ରାର ୫୧୫ ଦିବସରେ ସତ୍ୟବ୍ରତ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ରାଜ୍ୟର ୨୮ ବ୍ଲକ୍‌ରେ ପହଞ୍ଚି ସାରିଥିବାବେଳେ ୩୧୪ଟି ବ୍ଲକ ପହଞ୍ଚିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ପ୍ରତି ବ୍ଲକ୍‌ରେ ପହଞ୍ଚି ବିଡିଓଙ୍କୁ ଦେଖା କରିବା ସହିତ ତାଙ୍କ ମାଧ୍ୟମରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପଠାଉଛନ୍ତି। ଯେ ପର୍ଯ୍ୟନ୍ତ ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ନ ମିଳିଛି, ସେ ପର୍ଯ୍ୟନ୍ତ ଏହି ସଂଘର୍ଷ ଜାରି ରହିବ ବୋଲି ସତ୍ୟବ୍ରତ କହିଛନ୍ତି।

## ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ବିନା ନିଯୁକ୍ତିପତ୍ରରେ ସୁପରଭାଇଜର ଦାୟିତ୍ୱ ପ୍ରଦାନ

**କଟକ ସଦର,୫।୧୨(ଡି.ଏନ୍.ଏ.)**

ଚଳିତମାସରେ କଟକ ସଦର ବ୍ଲକର ୨୩ ପଞ୍ଚାୟତରେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ଆରମ୍ଭ ହୋଇଛି। ଏହି କାର୍ଯ୍ୟର ସୁପରିଚାଳନା ନିମନ୍ତେ ସୁପରଭାଇଜର ନିଯୁକ୍ତ କରାଯାଇଛି। ହେଲେ ଏହି କାର୍ଯ୍ୟରେ ନିଯୁକ୍ତ ଶିକ୍ଷକମାନଙ୍କୁ ନିଯୁକ୍ତିପତ୍ର ଦିଆଯାଇ ନ ଥିବା କଟକ ସଦର ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି। ବିଶେଷକରି କିଶନନଗର ଅଞ୍ଚଳର ୮ଟି ପଞ୍ଚାୟତର ଶିକ୍ଷକମାନେ କଟକ ସଦର ବ୍ଲକ ଅଧୀନରେ ପ୍ରଥମଥର ପାଇଁ ଭୋଟର ତାଲିକା ସଂଶୋଧନ କାମରେ ନିୟୋଜିତ ହୋଇଥିବାରୁ ଏହି ଅଭିଯୋଗ ଆସିଛି। କାରଣ ଛୁଟିଦିନରେ ବିଭିନ୍ନ ବୁଥ୍ ବୁଲି ବୁଥସ୍ତରୀୟ ଅଧିକାରୀଙ୍କୁ ସହାୟତା କରିବା ଦାୟିତ୍ୱ ସମ୍ପୃକ୍ତ ସୁପରଭାଇଜରମାନଙ୍କ ଉପରେ ନ୍ୟସ୍ତ କରାଯାଇଛି। ଅଧିକାଂଶ ସୁପରଭାଇଜର ପଞ୍ଚାୟତିରାଜ ବିଭାଗର ନୁହନ୍ତି। ଶିକ୍ଷା ବିଭାଗର ହୋଇଥିବାରୁ ନିଯୁକ୍ତିପତ୍ର ନିହାତି ଆବଶ୍ୟକ। କୌଣସି ଆକସ୍ମିକ ଦୁର୍ଘଟଣା ଅଥବା କରୋନାରେ ଆକ୍ରାନ୍ତ ହେଲେ ସରକାରୀ ସାହାଯ୍ୟ ମିଳିପାରିବନାହିଁ। ନିର୍ବାଚନ କାର୍ଯ୍ୟରେ ନିୟୋଜିତ ବ୍ୟକ୍ତିଙ୍କର ମୃତ୍ୟୁ ଅଥବା ଆହତ ହେଲେ ଅନୁକମ୍ପାମୂଳକ ସହାୟତା ରାଶି ଦିଆଯିବାର ବ୍ୟବସ୍ଥା ପତ୍ରସଂଖ୍ୟା ୨୧୮/୬/୨୦୧୪/ଇପିଏସ୍/୨୫।୪।୨୦୧୪ରେ କେନ୍ଦ୍ର ନିର୍ବାଚନ ଆୟୋଗ କରିଛନ୍ତି। ଅଭିଯୋଗ ସମ୍ପର୍କରେ କଟକ ସଦର ବିଡିଓ ରାଜୀବ ଲୋଚନ ପରିଡାଙ୍କୁ ପଚାରିବାରୁ ଶିକ୍ଷକମାନଙ୍କ ଅତିରିକ୍ତ ଦାୟିତ୍ୱ ହୋଇଥିବାରୁ ନିୟୋଜିତ କରାଯାଇଛି। ଏହି କାମ ଶିକ୍ଷକମାନେ ଆନନ୍ଦର ସହ କରୁଛନ୍ତି।

# ବିଶ୍ୱ ସେବା ପୂର୍ବରୁ ମାତାପିତାଙ୍କ ସେବା କର

**ଭୁବନେଶ୍ୱର, ୫।୧୨(ବ୍ୟୁରୋ)**

ସ୍ୱେଚ୍ଛାକୃତ ସେବା ଆମ ସମସ୍ତଙ୍କ ଧେୟ ହେବା ଉଚିତ। କିନ୍ତୁ ଏ କ୍ଷେତ୍ରରେ ଆମେ ନିଜକୁ ସବୁ ଦୃଷ୍ଟିରୁ ମଜ୍‌ଭୁତ କରି ଆଗେଇବାକୁ ପଡ଼ିବ। ଆମେ ସାରା ବିଶ୍ୱକୁ ଆମର ସେବା ଦେବା ପୂର୍ବରୁ ପ୍ରଥମେ ପରିବାରର ବୃଦ୍ଧ ମାତାପିତାଙ୍କ ସେବା କରିବା ଆବଶ୍ୟକ ବୋଲି ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ସଞ୍ଜୟ କୁମାର ଶତପଥୀ କହିଛନ୍ତି। ଶନିବାର ରେଡକ୍ରସ୍ ଭବନ ପରିସରରେ ଭାରତୀୟ ରେଡ୍‌କ୍ରସ୍ ସୋସାଇଟି ଓଡିଶା ରାଜ୍ୟ ଶାଖା ପକ୍ଷରୁ ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ ପାଳନ ଅବସରରେ ପ୍ରଫେସର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି।

ଭାରତୀୟ ରେଡ୍‌କ୍ରସ୍ ସୋସାଇଟି ଓଡିଶା ରାଜ୍ୟ ଶାଖାର କୋଷାଧ୍ୟକ୍ଷ ମେଜର ଡ. କଳ୍ପନା ଦାସ, ଶାଖାର ଅବୈତନିକ ସଚିବ ସି.ଟି.ଏମ୍. ସୁଗୁଣାଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ସାମାଜିକକର୍ମୀ ଅଂଶଗ୍ରହଣ କରିଥିଲେ। ଯୁବ ରେଡ୍‌କ୍ରସ ଅଧିକାରୀ ଡ. ଅଜୟ କୁମାର ତ୍ରିପାଠୀ ଅତିଥି ପରିଚୟ ଓ ପରାମର୍ଶଦାତା ସୁଶୀଲ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିବାବେଳେ ପ୍ରିୟଙ୍କା ବିଶ୍ୱାଳ ସହଯୋଗ କରିଥିଲେ।

# ଜଳ ନିଷ୍କାସନ ସମସ୍ୟାର ସମାଧାନ ହେବ



**ଭୁବନେଶ୍ୱର,୫।୧୨(ବ୍ୟୁରୋ)**

ବିଏମ୍‌ସି ୱାର୍ଡ ନଂ. ୬ ଅନ୍ତର୍ଗତ ଶାଶ୍ୱତ ବିହାର, ଅମ୍ରପଲ୍ଲୀ ବିହାର, ସାଇବିହାର କୋଅପରେଟିଭ କଲୋନୀ, ଇନ୍ଦ୍ରପୁରୀ, ବିଷ୍ଣୁବିହାରରେ ଦୀର୍ଘବର୍ଷ ଧରି ଜଳ ନିଷ୍କାସନ ସମସ୍ୟା ରହିଥିଲା, ଯାହାର ବର୍ତ୍ତମାନ ସମାଧାନର ରାସ୍ତା ବାହାରିଛି। ଶନିବାର ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ ରାଉତଙ୍କ ଉପସ୍ଥିତିରେ ବିଏମ୍‌ସି କମିଶନର ପ୍ରେମଚାନ୍ଦ ଚୌଧୁରୀଙ୍କ ସମେତ ଅନ୍ୟ କେତେଜଣ ଅଧିକାରୀ ଉକ୍ତ ଅଞ୍ଚଳ ବୁଲି ଦେଖିବା ସହ ଆଲୋଚନା କରିଛନ୍ତି। ଏ ବିଷୟରେ ବିଧାୟକଙ୍କୁ ଅଧିକାରୀମାନେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଡ୍ରେନେଜ ପୁନରୁଦ୍ଧାର ଲାଗି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଡ୍ରେନର ପୁନରୁଦ୍ଧାର ହେଲେ ବର୍ଷାଦିନେ ଉପୁଜୁଥିବା ଜଳନିଷ୍କାସନ ସମସ୍ୟାର ସମାଧାନ ହେଇପାରିବ ବୋଲି ସୂଚନା ଦିଆଯାଇଛି।

# ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଡିଜିପିଙ୍କ ତାଗିଦ୍

**ଭୁବନେଶ୍ୱର,୫।୧୨(ବ୍ୟୁରୋ)**

### ଡିଜିପିଙ୍କ କ୍ୟାମ୍ପ ଅଫିସରେ ଜରୁରୀ ବୈଠକ

ପୋଲିସ ସେବା ଭବନସ୍ଥିତ ଡିଜିପି କ୍ୟାମ୍ପ ଅଫିସରେ ଶନିବାର ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଡିଜିପି ଅଭୟ ଯୋଗଦେଇ ରାଜଧାନୀରେ ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବା, ଗୋଇନ୍ଦା ତଥ୍ୟକୁ ଗୁରୁତ୍ୱ ଦେବା, ନୟାଗଡ ପରୀ ହତ୍ୟା ମାମଲାର ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ତଦନ୍ତକାରୀ ଅଧିକାରୀମାନଙ୍କୁ ତାଗିଦ କରିଥିଲେ। ଏହି ବୈଠକରେ ଏସ୍‌ଆଇଟି ମୁଖ୍ୟ ଅରୁଣ ବୋଥ୍ରା, ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ, ଡିସିପି ଉମାଶଙ୍କର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ପରେ ବୋଥ୍ରା ଗଣମାଧ୍ୟମକୁ କହିଥିଲେ, ୪ ଦିନ ହେଲା ଏସ୍‌ଆଇଟି ଦ୍ୱାରା ପରୀ ମୃତ୍ୟୁ ମାମଲାର ତଦନ୍ତ କରାଯାଉଛି। ଅତି କମ୍‌ରେ ଦୁଇ ସପ୍ତାହ ମଧ୍ୟରେ ତଦନ୍ତ ଏକ ନିର୍ଯାସରେ ପହଞ୍ଚିପାରିବ। ଏସ୍‌ଆଇଟି ଉପରେ ଲୋକଙ୍କର ଭରସା ରହିଛି। ପରୀ ହତ୍ୟାକାରୀଙ୍କୁ ଧରିବା ପାଇଁ ତଦନ୍ତକୁ ଜୋରଦାର କରିଛି ତଦନ୍ତକାରୀ ଟିମ୍।

ପରୀ ହତ୍ୟା ମାମଲାରେ ଅଭିଯୁକ୍ତ କୁହାଯାଉଥିବା ବାବୁଲି ନାୟକଙ୍କ ଘରେ ଶୁକ୍ରବାର ଏସ୍‌ଆଇଟି ଟିମ୍ ଯାଞ୍ଚ କରିଥିଲା। ଏଥିସହ ବାବୁଲି ଓ ତାଙ୍କ ପୁଅଙ୍କୁ ପ୍ରାୟ ଏକଘଣ୍ଟା ଧରି ଜେରା କରାଯାଇଥିଲା। ବାବୁଲି ଓ ତାଙ୍କ ଡ୍ରାଇଭରଙ୍କ ମାଲିକାନାରେ ଥିବା ଗାଡିଗୁଡିକ ସମ୍ପର୍କରେ ସବିଶେଷ ତଥ୍ୟ ଟିମ୍ ସଂଗ୍ରହ କରିଥିଲା। ଏଥିସହ ଟିମ୍ ବାବୁଲିଙ୍କ ଡ୍ରାଇଭରଙ୍କ ଘରେ ମଧ୍ୟ ଚଢାଉ କରି ତାଙ୍କୁ ପଚରାଉଚରା କରିଥିଲା।

ରାଜଧାନୀରେ କୋଭିଡ୍ ନିୟମ ଉଲ୍ଲଂଘନକାରୀଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ନେବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱର ନାବାଳିକା ଗଣବଳାତ୍କାର ଘଟଣାକୁ ନେଇ କମିଶନରେଟ୍ ପୋଲିସ ଉପରେ ଡିଜିପି ଅଭୟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଉକ୍ତ ଘଟଣା ସହ ଆକାଶ ପାଠକଙ୍କ ନାମରେ ସ୍କାଏ କିଙ୍ଗ୍ ପକ୍ଷରୁ ଖାରବେଳ ନଗର ଥାନାରେ କରାଯାଇଥିବା ଠକେଇ ମାମଲାର ତଦନ୍ତ କେଉଁ ପର୍ଯ୍ୟନ୍ତ ଯାଇଛି ତାହା ମଧ୍ୟ ପଚାରି ବୁଝିଥିଲେ ଅଭୟ। ଏହି ସବୁ ମାମଲାର ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାପାଇଁ ଡିଜିପି ତଦନ୍ତକାରୀ ଅଧିକାରୀମାନଙ୍କୁ ତାଗିଦ୍ କରିଥିବା ସୂଚନା ମିଳିଛି।

# ଓଡ଼ିଶୀ, କଥକ ନୃତ୍ୟରେ ଦର୍ଶକ ବିଭୋର

**କୋଣାର୍କ,୫।୧୨(ଡି.ଏନ୍.ଏ.)**

### କୋଣାର୍କ ଉତ୍ସବ ଉଦ୍‌ଯାପିତ



କୋଣାର୍କର ମୁକ୍ତାକାଶ ରଙ୍ଗମଞ୍ଚରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ପାଞ୍ଚ ଦିନ ବ୍ୟାପୀ ଚାଲିଥିବା ଶାସ୍ତ୍ରୀୟ ନୃତ୍ୟ ଓ ସଂଗୀତର ମହାକୁମ୍ଭ କୋଣାର୍କ ଉତ୍ସବ ଶନିବାର ଏକ ରୋମାଞ୍ଚକ ପରିବେଶ ମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ ମଞ୍ଚ ଉପରେ ମଞ୍ଚସ୍ଥ ହୋଇଥିବା ଓଡ଼ିଶୀ ଓ କଥକର ଆକର୍ଷଣୀୟ ନୃତ୍ୟ ଦେଖି ଦର୍ଶକ ବିଭୋର ହୋଇପଡ଼ିଥିଲେ। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱରର ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ଓଡିଶୀ ନୃତ୍ୟ ପରିବେଷଣ ହୋଇଥିଲା। ପ୍ରଥମେ ଦେବ ଆରାଧନା ସମ୍ବଳିତ ମଙ୍ଗଳାଚରଣ ଓ ଶଙ୍କରାଭରଣ ପଲ୍ଲବୀ ନୃତ୍ୟ ହୋଇଥିଲା। ଏହାପରେ କୃଷ୍ଣ ଗାଥା ଓ ଓଡ଼ିଶାର ମଧ୍ୟଯୁଗୀୟ ବୈଷ୍ଣବ କବିମାନଙ୍କ ରଚନାକୁ ନେଇ ରାଧା-କୃଷ୍ଣଙ୍କ ପ୍ରୀତି ବିଳାସର ଏକ ସମ୍ପୂର୍ଣ୍ଣ ଚିତ୍ରକୁ ପରିସ୍ଫୁଟନ କରିଥିଲେ ନୃତ୍ୟଶିଳ୍ପୀ। ଦ୍ୱିତୀୟ ଚରଣରେ ନୂଆଦିଲ୍ଲୀର ମଙ୍ଗଳ ଦାଶ ଓ ସାଥୀମାନେ ମଞ୍ଚକୁ ଆଣିଥିଲେ କଥକ ନୃତ୍ୟ। ପ୍ରେମର ଭକ୍ତି ସମର୍ପଣ ଚେତନାକୁ ଶିଳ୍ପୀମାନେ ଯେପରି ତୋଳି ଧରିଥିଲେ। ଶେଷ ସନ୍ଧ୍ୟାର ଏହି ଉତ୍ସବକୁ ଗ୍ୟାଲେରିରେ ଉପସ୍ଥିତ ଦର୍ଶକମାନେ ମନଭରି ଉପଭୋଗ କରିଥିଲେ। ଅତିଥିମାନଙ୍କ ମଧ୍ୟରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପର୍ଯ୍ୟଟନ ସଚିବ ବିଶାଲ ଦେବ, ସଂସ୍କୃତି ସଚିବ ବିଷ୍ଣୁପଦ ସେଠୀ, ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ପ୍ରମୁଖ ଯୋଗଦେଇଥିଲେ। ସନ୍ଧ୍ୟାର ଉଦ୍‌ଘୋଷଣାରେ ଥିଲେ ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ଓ ସଂହତି ପାଣି। ସେହିଭଳି ଚନ୍ଦ୍ରଭାଗା ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବରେ ଐତିହ୍ୟ ଓ କୋଭିଡ୍ ସଚେତନତା ସମ୍ପର୍କିତ ବାଲୁକା କଳାକୃତି ପ୍ରଦର୍ଶିତ ହୋଇଥିଲା। ଏହି ଉତ୍ସବକୁ ପର୍ଯ୍ୟଟନ ବିଭାଗ ବରିଷ୍ଠ ଅଧିକାରୀ ରତିକାନ୍ତ ପଟ୍ଟନାୟକ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ପରିଚାଳନାରେ ସହଯୋଗ କରିଥିଲେ।





# ୮ ସାରସ୍ୱତ ପ୍ରତିଭା ସମ୍ବର୍ଦ୍ଧିତ

**କୋଣାର୍କ,୫।୧୨(ଡି.ଏନ୍.ଏ.)**

### କୋଣାର୍କ ଉତ୍ସବରେ ସାହିତ୍ୟ ଆସର

କୋଣାର୍କ ଉତ୍ସବ ଅବସରରେ ମୁକ୍ତାକାଶ ରଙ୍ଗମଞ୍ଚ ପରିସରରେ ପର୍ଯ୍ୟଟନ ବିଭାଗ ଓ କୋଣାର୍କ ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ସାହିତ୍ୟ ଆସର ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସାହିତ୍ୟିକ ହରପ୍ରସାଦ ଦାସ, ମୁଖ୍ୟବକ୍ତା ସୁନୀଲ କୁମାର ରଥ ଯୋଗଦେଇଥିଲେ। ଉତ୍ସବକୁ ରାଜ୍ୟସଭା ସଦସ୍ୟ ତଥା ପଦ୍ମବିଭୂଷଣ ରଘୁନାଥ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଚିତ୍ରଶିଳ୍ପୀ ମାନମୟୀ ରଥ ଓ ଚିତ୍ରଶିଳ୍ପୀ ବବିତା ସାହୁଙ୍କ ଚିତ୍ରକଳାରେ ସୁଶୋଭିତ ଚିତ୍ରକଳା ପ୍ରଦର୍ଶନ ହୋଇଥିଲା। କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ହରପ୍ରସାଦ ଦାସଙ୍କୁ କୋଣାର୍କ ସାହିତ୍ୟ ସମ୍ମାନ, ରଘୁନାଥ ମହାପାତ୍ରଙ୍କୁ ଧରମା ସମ୍ମାନ, ସୁନୀଲ ରଥଙ୍କୁ ଅର୍କପ୍ରଜ୍ଞା ସମ୍ମାନ, ନୃତ୍ୟଶିଳ୍ପୀ କୁମକୁମ ମହାନ୍ତିଙ୍କୁ କୋଣାର୍କ ଉତ୍ସବ ସମ୍ମାନ, ପର୍ଯ୍ୟଟନ ବିଭାଗର ପୂର୍ବତନ ସହକାରୀ ନିର୍ଦ୍ଦେଶକ ସନ୍ତୋଷରଞ୍ଜନ ଦାସଙ୍କୁ କୋଣାର୍କ ସେବା ସମ୍ମାନ, ସୁଶ୍ରୀ ହରପ୍ରିୟା ସାହୁଙ୍କୁ ମା' ରୁକ୍ମିଣୀ ଦେବୀ ସ୍ମୃତି ସମ୍ମାନ, ଚିତ୍ରଶିଳ୍ପୀ ମାନମୟୀ ରଥଙ୍କୁ କୋଣାର୍କ କଳା ସମ୍ମାନ ଓ କୋଣାର୍କର କଣ୍ଠଶିଳ୍ପୀ ଜୟଦେବ ମିଶ୍ରଙ୍କୁ ଅର୍କସ୍ୱର ସମ୍ମାନ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କୋଣାର୍କ ସାହିତ୍ୟ ସଂସଦର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର ପୌରୋହିତ୍ୟରେ ସଂସଦ ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି କାର୍ଯ୍ୟକ୍ରମର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଶିଶୁପତ୍ରିକା 'ବାନରସେନା'ର ସମ୍ପାଦକ ପ୍ରକାଶଚନ୍ଦ୍ର ଖଟୋଇ ଧନ୍ୟବାଦ ଦେଇଥିଲେ। ସ୍ୱର୍ଣ୍ଣଲତା ତ୍ରିପାଠୀ, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ବିଶ୍ୱାଳ, ଗୀତାଞ୍ଜଳି ସାହୁ, ରାଜଲକ୍ଷ୍ମୀ ମିଶ୍ର, ନିରଞ୍ଜନ ସାହୁ, ରବୀନ୍ଦ୍ର ପ୍ରଧାନ, ନିରଞ୍ଜନ ତ୍ରିପାଠୀ ଓ ରାମକୃଷ୍ଣ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

# ଗୋରୁ ଚାଲାଣକୁ ନେଇ ଉତ୍ତେଜନା

■ ଦୁଇ ଯୁବକଙ୍କୁ ଉଠାଇ ନେବା ପରେ ୨ଗୋଷ୍ଠୀ ମୁହାଁମୁହିଁ

■ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ

ସୁନ୍ଦରଗଡ଼/ କୁତ୍ରା, ୫ା୧୨ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ଖଡକୁରବାହାଲରେ ଗୋରୁ ଚାଲାଣକୁ କେନ୍ଦ୍ରକରି ଉତ୍ତେଜନା ପ୍ରକାଶ ପାଇଛି। ଏକ ସମ୍ପ୍ରଦାୟର କେତେକ ଲୋକ ୨ଜଣ ଯୁବକଙ୍କୁ ଶନିବାର ସକାଳେ ଉଠାଇ ନେବା ପରେ ସେଠାରେ ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି। ଖବରପାଇ ସଙ୍ଗେ ସଙ୍ଗେ ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଛି। ସୁନ୍ଦରଗଡ଼ ଏସ୍‌ପି ସାଗରିକା ନାଥ, ଅତିରିକ୍ତ ଏସ୍‌ପି ରବିନାରାୟଣ ବାରିକ ସେଠାରେ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିଛନ୍ତି। ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଅଛନ୍ତି। ତେବେ ଅପହୃତ ଦୁଇ ଯୁବକଙ୍କୁ ପୋଲିସ ଉଦ୍ଧାର କରିଛି।

ସୂଚନା ମୁତାବକ, ଖଡକୁରବାହାଲରେ ଦୀର୍ଘ ବର୍ଷରୁ ଚାଲି ଆସୁଥିବା ଗୋ-ଚାଲାଣକୁ ଅଞ୍ଚଳବାସୀଙ୍କ ପକ୍ଷରୁ ବିରୋଧ କରାଯାଇଆସୁଛି। ଶୁକ୍ରବାର ସନ୍ଧ୍ୟାରେ ଖଡକୁରବାହାଲରୁ ଝାଡଖଣ୍ଡ ଗୋରୁଚାଲାଣ ହେଉଥିବା ବେଳେ ରାଏବଗା ଥାନା ସଲଗ୍ନାବାହାଲଠାରେ ବଜରଙ୍ଗ ଦଳର କର୍ମୀଙ୍କ ସହିତ ଲୋକେ ବିରୋଧ କରି ଅଟକାଇଥିଲେ। ଖବର ପାଇ ରାଏବଗା ଥାନା ପୋଲିସ ପହଞ୍ଚି ୧୧୭ ଗୋରୁକୁ ଜବତ କରିଥିଲା। ୨ଜଣ ଗୋରୁ ଚାଲାଣକାରୀଙ୍କ ନାମରେ ମାମଲା ରୁଜୁ କରିଥିଲା। ଏହି ଘଟଣା ପରେ ଗୋରୁଚାଲାଣକୁ ବିରୋଧ କରିଥିବା ଖଡକୁରବାହାଲ ଲଖୁଆପଡାର ଦିଲୀପ ଧନୁଆର ଓ ମାଲିପଡାର ସଚିନ ସାହୁଙ୍କୁ ଅନ୍ୟ ଏକ ଗୋଷ୍ଠୀର ଲୋକ ଉଠାଇ ନେଇଥିଲେ। ଏହି ଖବର ଜଣାପଡିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରାୟ ୧୦୦ରୁ ୨୦୦ ଲୋକ ଧନୁତୀର ଧରି ଓ ଅପରପକ୍ଷର ଗୋଷ୍ଠୀର ଲୋକେ ଖଣ୍ଡା ଭୁଜାଲି ଧରି ବାହାରିବାରୁ ଉଭୟ ପକ୍ଷ ମୁହାଁମୁହିଁ ହୋଇଥିଲେ। ଏପରିକି ଉଭୟ ପକ୍ଷରୁ ଟେକା ପଥର ମାଡ଼ ହୋଇଥିଲା। ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା।



ଖଡକୁରବାହାଲରେ ପୋଲିସ ଲୋକଙ୍କୁ ବୁଝାଉଛି।

# ଜାଲ୍ ଚେକ୍ ଦେଇ ଟଙ୍କା ଠକେଇ

କଣାସ,୫ା୧୨(ସ୍ୱ.ପ୍ର.)

କଣାସ ଥାନା ଅଞ୍ଚଳରେ ଏବେ କେତେଜଣ ଯୁବକ ଲୋକଙ୍କୁ ଜାଲ୍ ଚେକ ଦେଇ ଟଙ୍କା ଠକେଇ କରୁଥିବା ଅଭିଯୋଗ ହୋଇଛି। ସିରେଇ ଗ୍ରାମରେ ଶନିବାର ଦୁଇଜଣ ଯୁବକ ବାଇକ୍‌ରେ ଆସି ଗ୍ରାମର ସୁମନ୍ତ ମଲ୍ଲିକଙ୍କ ଘରକୁ ଯାଇଥିଲେ। ଯୁବକଦ୍ୱୟ ସୁମନ୍ତଙ୍କ ସ୍ତ୍ରୀ ସୁଷମାଙ୍କୁ ତୁମର ଘରଭଙ୍ଗା ବାବଦରେ ୩ଲକ୍ଷ ୨୦ହଜାର ଟଙ୍କା ଆସିଥିବା ସହ ଫେଡରାଲ୍ ବ୍ୟାଙ୍କର ଏକ ଚେକ୍ ଆସିଥିବା କହି ଦେଇଥିଲେ। ଏହି ଟଙ୍କା ପାଇବାକୁ ହେଲେ ୨୪ହଜାର ଟଙ୍କା ଏବଂ ଆଧାରକାର୍ଡ ଦେବାପାଇଁ ତାଙ୍କୁ କହିଥିଲେ। କିନ୍ତୁ ସୁମନ୍ତ ଘରେ ନ ଥିବାରୁ ସୁଷମା ଆଧାର କାର୍ଡ ଦେବା ସହ ଟଙ୍କା ଯୋଗାଡ କରୁଛି କଥା କହିବାରୁ ଯୁବକମାନେ ଆସୁଛୁ ବୋଲି କହି ଚାଲିଯାଇଥିଲେ। ସୁମନ୍ତ ଘରକୁ ଫେରିବାପରେ ସ୍ତ୍ରୀ ତାଙ୍କୁ ସମସ୍ତ କଥା କହିବା ସହ ଚେକ୍‌ଟିକୁ ଦେଇଥିଲେ। ସୁମନ୍ତ ଚେକ୍‌ଟି ନେଇ ସ୍ଥାନୀୟ ବ୍ୟାଙ୍କରେ ଜମାକରିବାରୁ ତାହା ଏକ ଜାଲ ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ କହିଥିଲେ।

# ଘର ପୋଡ଼ି ଅଭିଯୋଗ: ୨ ଗିରଫ

ସାକ୍ଷୀଗୋପାଳ, ୫ା୧୨(ଡି.ଏନ୍.ଏ.)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସତ୍ୟବାଦୀ ଥାନା ମଝିକେରା ଗ୍ରାମର ଓକିଲ ବିଶ୍ୱାଳଙ୍କ ଘରପୋଡ଼ି ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସେହି ଗ୍ରାମର ଦୁଇଭାଇ ଚଗଲା ବରାଳ ଓ ଛବି ବରାଳ। ଶୁକ୍ରବାର ବିଳମ୍ବିତ ରାତିରେ ଓକିଲଙ୍କ ଘରେ ନିଆଁ ଲାଗିଯାଇଥିଲା ।















































Your classified advertisement published in Dharitri will be listed free in Dharitri online edition : www.dharitri.com









## ଭାଜପାର ୨ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ନିମାପଡ଼ା,(ଡି.ଏନ୍.ଏ.): ନିମାପଡ଼ା ଭାଜପାର ୨ଦିନିଆ ପ୍ରଶିକ୍ଷଣ ଶିବିର ଧନୁଆଁ ମଣ୍ଡଳର ଗୋପାଳପୁର ଛକରେ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭାଜପା ରାଜ୍ୟ ଉପସଭାପତି ପ୍ରଭାତୀ ପରିଡ଼ା ଯୋଗଦେଇ ଭାଜପା ଶାସିତ ରାଜ୍ୟଗୁଡ଼ିକର ବିକାଶ ନେଇ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଭୁବନାନନ୍ଦ ତ୍ରିପାଠୀ, ରାଜ୍ୟ ମହିଳା ମୋର୍ଚ୍ଚାର ସଭାନେତ୍ରୀ ସ୍ମୃତି ପଟ୍ଟନାୟକ, ରାଜ୍ୟ ବୁଦ୍ଧିଜୀବୀ ପ୍ରକୋଷ୍ଠର ଆବାହକ ପୂର୍ଣ୍ଣଚନ୍ଦ୍ର ମଲ୍ଲିଖ ପ୍ରମୁଖ ଯୋଗଦେଇଥିଲେ। ଜତିନ୍ଦ୍ରନାଥ ସ୍ୱାଇଁ ଅଧକ୍ଷତା କରିଥିଲେ। ପୂର୍ଣ୍ଣଚନ୍ଦ୍ର ଓଝା, ସୁମନ୍ତ ସ୍ୱାଇଁ, ବିଜୟ ପ୍ରଧାନ, ସୁଦର୍ଶନ ମଲ୍ଲିକ ପ୍ରମୁଖ ସାମିଲ ଥିଲେ।

**ସଂକ୍ଷେପରେ**

## ଚନ୍ଦ୍ରଭାଗାରେ ଅଲିଭ୍ ରିଡ୍‌ଲେ ସୁରକ୍ଷା

**କୋଣାର୍କ,୫ା୧୨(ଡି.ଏନ୍.ଏ.):** କୋଣାର୍କର ଚନ୍ଦ୍ରଭାଗା ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଶନିବାର ଅଲିଭ ରିଡ୍‌ଲେ କଇଁଛ ସୁରକ୍ଷା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପୁରୀ ବନ୍ୟପ୍ରାଣୀ ବନଖଣ୍ଡ, କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଏସିଏଫ ଉତ୍ତମ ଗଡନାୟକ, କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ ବେଣୁଧର ବେହେରା, ସହ-ମତ୍ସ୍ୟ ଅଧିକାରୀ ସୁଧାଂଶୁ ମଲ୍ଲିକ, ସ୍ୱେଚ୍ଛାସେବୀ ଆକାଶ ରଞ୍ଜନ ରଥ ପ୍ରମୁଖ ଯୋଗଦେଇଥିଲେ। ବିରଳ ଅଲିଭ ରିଡ୍‌ଲେ ସୁରକ୍ଷା ପାଇଁ ଗଭୀର ସମୁଦ୍ର ମଧକୁ ଟ୍ରଲର ଓ ଯନ୍ତ୍ର ଚାଳିତ ଡଂଗା ଚଳପ୍ରଚଳ ନିଷେଧ କରାଯାଇଛି। ନଭେମ୍ବରରୁ ଆସନ୍ତା ମେ ମାସ ପର୍ଯ୍ୟନ୍ତ ଅଲିଭ ରିଡ୍‌ଲେଙ୍କ ପ୍ରଜନନ ଓ ଅଣ୍ଡା ଦେବା ସମୟ ଚାଲିଥାଏ। ପ୍ରାୟ ୪୫ରୁ ୬୦ ଦିନ ମଧରେ ଏହି ଅଣ୍ଡାରୁ ଛୁଆ ଫୁଟିବା ଆରମ୍ଭ କରିଥାଏ। ଏକ ପ୍ରୋଜେକ୍ଟର ମାଧମରେ ମତ୍ସ୍ୟଜୀବୀଙ୍କୁ ଏ ସମ୍ପର୍କରେ ସଚେତନ କରାଯାଇଥିଲା। ଗଭୀର ସମୁଦ୍ର ମଧରେ ଅବାଧ ଟ୍ରଲର ପ୍ରବେଶ କରି ପ୍ରଦୂଷଣ କରୁଥିବାବେଳେ ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଥିବା ଚନ୍ଦ୍ରଭାଗା ନୋଳିଆ ବସ୍ତିର ମତ୍ସ୍ୟଜୀବୀମାନେ ଅଭିଯୋଗ କରିଥିଲେ। ମତ୍ସ୍ୟ ବିଭାଗ, ମେରାଇନ ପୋଲିସ ଓ ବନ ବିଭାଗ ପକ୍ଷରୁ ମିଳିତ ଭାବେ ସମୁଦ୍ରରେ ପାଟ୍ରୋଲିଂ କରାଯିବ ବୋଲି ମତ୍ସ୍ୟ ବିଭାଗ ସହ -ଅଧିକାରୀ ମଲ୍ଲିକ ସୂଚନା ଦେଇଥିଲେ।

## ଆମ ଗାଁ ଆମ ସ୍କୁଲ ଅଭିଯାନ ଆରମ୍ଭ

**ସାକ୍ଷୀଗୋପାଳ,୫ା୧୨(ଡି.ଏନ୍.ଏ.):** ଗ୍ରାମାଞ୍ଚଳରେ ଶିକ୍ଷାର ବିକାଶ ନିମନ୍ତେ ଶିକ୍ଷାଭିତ୍ତିକ ଖବରକାଗଜ ଶିକ୍ଷାବାର୍ତ୍ତା ପକ୍ଷରୁ ଆମ ଗାଁ ଆମ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଶନିବାର ଆରମ୍ଭ କରାଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ସ୍ୱାଦ ସଭା ଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମର ମୁଖ୍ୟଅତିଥି ଖବରଦାତା ରାଜକିଶୋର ସ୍ୱାଇଁ ଓ ସମ୍ମାନିତ ଅତିଥି ପ୍ରସନ୍ନ ତ୍ରିପାଠୀ ଯୋଗଦେଇଥିଲେ। ଶିକ୍ଷାବାର୍ତ୍ତାର ପୁରୀ ଜିଲା ପ୍ରୋଗ୍ରାମ କୋଅର୍ଡିନେଟର ପୂର୍ଣ୍ଣାନନ୍ଦ ତ୍ରିପାଠୀ ଶିକ୍ଷାବାର୍ତ୍ତାର ନିର୍ଦ୍ଦେଶକ ଏଚ୍.କେ. ପ୍ରଧାନଙ୍କ ପରାମର୍ଶ ଅନୁଯାୟୀ ଶରତଶଙ୍ଖ ନିକଟସ୍ଥ ସୁବଳପୁର ଗ୍ରାମକୁ ପୋଷ୍ୟ ଗ୍ରାମ ଭାବେ ଚୟନ କରାଯାଇଛି ବୋଲି ସୂଚନା ଦେଇଥିଲେ। ସ୍ୱତନ୍ତ୍ର ଭାବେ ସ୍ୱେଚ୍ଛାସେବୀ ଶିକ୍ଷକଙ୍କ ଜରିଆରେ ଉକ୍ତ ଗ୍ରାମର ଛାତ୍ରୀଛାତ୍ରଙ୍କର ପାଠପଢ଼ା ପ୍ରତି ଅଧିକ ଧ୍ୟାନ ଦିଆଯିବ ବୋଲି ସେ କହିଥିଲେ। ଅମର ଶତପଥୀ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଖବରଦାତା, ସାମାଜିକକର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ପ୍ରଧାନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

**ପୁରୀ ଅଫିସ,୨ା୧୨:** ନୂତନ କୃଷି କୃଷି ଆଇନକୁ ବିରୋଧ କରି ଦିଲ୍ଲୀରେ ଚାଲିଥିବା ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। ଏହି ଆନ୍ଦୋଳନର ପ୍ରଭାବ ପୁରୀ ଜିଲାରେ ମଧ ଦେଖିବାକୁ ମିଳିଛି। ସଂସ୍କାର ନାମରେ ଆଇନ ଆଣି କୃଷି ବ୍ୟବସ୍ଥାକୁ କମ୍ପାନୀ ହାତରେ ଟେକିଦେବା ଲାଗି ସରକାର ପ୍ରତିଶ୍ରୁତିବଦ୍ଧ। ସରକାରଙ୍କ ଏହି ଆଇନ ବିରୋଧରେ ଶନିବାର ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତିର ଆହ୍ୱାନକ୍ରମେ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏହି ଅବସରରେ କୃଷକ ଓ ଶ୍ରମିକ ସଙ୍ଗଠନଗୁଡ଼ିକ ମଧ ଯୋଗଦେଇ ତୁରନ୍ତ ସରକାର ଏହି ନିଷ୍ପତ୍ତି ପ୍ରତ୍ୟାହାର ଲାଗି ଦାବି କରିଛନ୍ତି।

# ସ୍ୱଚ୍ଛ ସର୍ବେକ୍ଷଣ ନାଁରେ ଅର୍ଥଶ୍ରାଦ୍ଧ

**ଖୋର୍ଦ୍ଧା ଅଫିସ,୫ା୧୨**




- ସହରରୁ ଉଠୁନି ଅଳିଆ
- ଖାଦ୍ୟ ଲାଳସାରେ ଗୋରୁ କରୁଛନ୍ତି ଅପରିଷ୍କାର

ସ୍ୱଚ୍ଛ ସର୍ବେକ୍ଷଣ ତାଲିକାରେ ଖୋର୍ଦ୍ଧା ସହରକୁ ଶୀର୍ଷତା ସ୍ଥାନରେ ରଖିବା ଲାଗି ପୌର ପରିଷଦ ପକ୍ଷରୁ 'ସ୍ୱଚ୍ଛ ଭାରତ ସୁସ୍ଥ ଭାରତ' ଅଭିଯାନ ଆରମ୍ଭ ହୋଇଛି। ଖୋର୍ଦ୍ଧା ସହରରେ ୨୨ଟି ୱାର୍ଡ ରହିଥିବା ବେଳେ ତନ୍ମଧ୍ୟରୁ ୨୦ଟି ୱାର୍ଡ ଘରୋଇକରଣ କରାଯାଇଛି। ଦୈନିକ ଠିକା ସଂସ୍ଥା ଦ୍ୱାରା ଅଳିଆ ଉଠୁଥିବା ପ୍ରଶାସନ ପକ୍ଷରୁ କୁହାଯାଉଛି। ଏଥିଲାଗି ପ୍ରଶାସନ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି। ତେବେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ସ୍ୱଚ୍ଛ ସର୍ବେକ୍ଷଣ ନାଁରେ ଲକ୍ଷାଧିକ ଟଙ୍କା ଶ୍ରାଦ୍ଧ ହେଉଥିବା ଜଣାପଡ଼ିଛି। ସହରର ବିଭିନ୍ନ ସ୍ଥାନରେ ଅଳିଆ ପଡ଼ି ରହୁଛି। ଏନେଇ ସ୍ଥାନୀୟ ବାସିନ୍ଦା ପୌର ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ କୌଣସି ପଦକ୍ଷେପ ନିଆଯାଉ ନାହିଁ ବୋଲି କେତେଜଣ ବାସିନ୍ଦା କହିଛନ୍ତି।

ସୂଚନା ମୁତାବକ, ଖୋର୍ଦ୍ଧା ପୌର ପରିଷଦ ପକ୍ଷରୁ 'ସ୍ୱଚ୍ଛ ଭାରତ ସୁସ୍ଥ ଭାରତ' ଅଭିଯାନ ଆରମ୍ଭ ହୋଇଛି। ସ୍ୱଚ୍ଛ ସାଥୀମାନେ ଘର ଘର ବୁଲି ଓଦା ଏବଂ ଶୁଖିଲା ଅଳିଆ ସଂଗ୍ରହ କରିବେ। ଏନେଇ ପୌର ପ୍ରଶାସନ ପକ୍ଷରୁ ସ୍ୱଚ୍ଛ ସାଥୀ ଏବଂ ସାନିଟାଇଜ୍ କର୍ମଚାରୀଙ୍କୁ ୩ଟି ପର୍ଯ୍ୟାୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ସହରରେ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦିଆଯିବା ସହ କୌଣସି ସ୍ଥାନରେ ଅଳିଆ ରହିବାକୁ ଦିଆଯିବ ନାହିଁ। ଏଥିଲାଗି ରୋଡ୍ ମ୍ୟାପ ପ୍ରସ୍ତୁତ କରାଯାଇଛି ବୋଲି ପୌର ପ୍ରଶାସନ ପକ୍ଷରୁ କୁହାଯାଇଛି। ପୌର ପ୍ରଶାସନ ଅଧୀନରେ ୨୦୪ଜଣ ଠିକା କର୍ମଚାରୀ, ୧୭ଜଣ ସ୍ୱଚ୍ଛ ସାଥୀ, ୨ଜଣ ସୁପରଭାଇଜର କାର୍ଯ୍ୟରତ ଅଛନ୍ତି। ସେହିପରି ଠିକା ସଂସ୍ଥା ଅଧୀନରେ ୧୭୪ଜଣ କାର୍ଯ୍ୟ କରୁଛନ୍ତି। ସହରରୁ ଦୈନିକ ୧୪ରୁ ୧୬ଟନ ଓଦା ଓ ଶୁଖିଲା ଆବର୍ଜନା ବାହାରୁଛି। ଅଳିଆ ଉଠାଇବା ଲାଗି ଏସଏଚଜି ଗ୍ରୁପ ଜରିଆରେ ୬ଟି ବ୍ୟାଟେରି ଚାଳିତ ଅଳିଆ ବୁହା ଗାଡ଼ି, ୩୦ଟି ଟ୍ରାଇସାଇକେଲ, ୬ ଟ୍ରାକ୍ଟର ନିୟୋଜିତ କରାଯାଇଛି। ଏହା ସତ୍ତ୍ୱେ ସହର ଏବଂ ଗଳି କନ୍ଦିରେ ଅଳିଆ ପଡି ରହୁଥିବା ଦେଖିବାକୁ ମିଳିଛି। ଅଳିଆ ଗଦାରେ ଗୋରୁ, ବୁଲା କୁକୁର ଖାଦ୍ୟ ଲାଳସାରେ ଅଳିଆଗୁଡ଼ିକୁ ଏଣେତେଣେ ପକାଉଛନ୍ତି। ଫଳରେ ଅଳିଆ ବିଭିନ୍ନ ସ୍ଥାନରେ ଆବର୍ଜନାମୟ ହୋଇ ରହୁଛି। ଏ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ କହିଛନ୍ତି, ସହର ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦିଆଯାଉଛି। ସକାଳୁ ଗୋଟିଏ ଟାଇମ୍ ଅଳିଆ ଉଠୁଛି। ପରବର୍ତ୍ତୀ ସମୟରେ ପୁଣି ସେହି ସ୍ଥାନରେ ଅଳିଆ ପଡୁଛି। ତେଣୁ ଏଭଳି ସମସ୍ୟା ଉପୁଜୁଛି। ଏଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି।

# କେ.ରମେଶଙ୍କ ବ୍ୟବଚ୍ଛେଦ ରିପୋର୍ଟରେ ୧୬ କ୍ଷତଚିହ୍ନ

**ପୁରୀ ଅଫିସ,୫ା୧୨**

ପୁରୀ ବାସେଳିସାହି ଥାନା ହାଜତରେ ନଭେମ୍ବର ୧୯ରେ କେ. ରମେଶ ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ହେପାଜତରେ ଏହି ଘଟଣା ଘଟିଥିବାରୁ ରାଜ୍ୟରେ ଚର୍ଚ୍ଚାର ଶିରୋନାମା ପାଲଟିଥିଲା। ଘଟଣାର ପ୍ରାୟ ୧୫ଦିନରେ ମୃତକ ରମେଶଙ୍କ ବ୍ୟବଚ୍ଛେଦ ରିପୋର୍ଟ ଆସିଛି। ତେବେ ଏହି ରିପୋର୍ଟରେ ଯାହା ଉଲ୍ଲେଖ ରହିଛି ତାହା ସମସ୍ତଙ୍କୁ ଚକିତ କରିଦେଇଛି। ଏହି ରିପୋର୍ଟ ଅନୁଯାୟୀ ରମେଶଙ୍କ ଶରୀରରେ ୧୬ଟି କ୍ଷତ ଚିହ୍ନ ରହିଥିଲା। ଏହି କ୍ଷତ ଚିହ୍ନଗୁଡ଼ିକ କୌଣସି ଲାଠିର ମାଡ଼ ଓ ଆଘାତ ଯୋଗୁ ସୃଷ୍ଟି ହୋଇପାରେ ବୋଲି ଅନୁମାନ କରାଯାଉଛି। ରମେଶଙ୍କ ମସ୍ତିଷ୍କରେ ୨୫୦ ମିଲିମିଟର ରକ୍ତ ଜମାଟ ବାନ୍ଧିଥିଲା। ମୁଣ୍ଡରେ ଶକ୍ତ ଆଘାତ ଯୋଗୁ ରମେଶଙ୍କ ମୃତ୍ୟୁ ହୋଇଛି। ଏ ସମ୍ପର୍କିତ ରିପୋର୍ଟ ପୋଲିସକୁ ଦିଆଯାଇଥିବା ବେଳେ ଏନେଇ ପୋଲିସ ପକ୍ଷରୁ କୌଣସି ପ୍ରକାର ପ୍ରତିକ୍ରିୟା ମିଳିପାରି ନାହିଁ। ସୂଚନାଯୋଗ୍ୟ, ପୋଲିସ ମାଡରେ କେ. ରମେଶଙ୍କ ମୃତ୍ୟୁ ଅଭିଯୋଗକୁ ତତ୍କାଳୀନ ପୁରୀ ଏସ୍‌ପି ଅଖିଳେଶ୍ୱର ସିଂ ଖଣ୍ଡନ କରିଛନ୍ତି। ସେ କହିଥିଲେ ଯେ, ରମେଶ ଜଣେ ହାର୍ଡକୋର କ୍ରିମିନାଲ ଥିଲେ। ସେ ମାରଣାସ୍ତ୍ର ଧରି ବୁଲୁଥିବାର ଖବର ପାଇ ତାଙ୍କୁ କାବୁ କରିବାକୁ ଯିବା ବେଳେ ପୋଲିସ ସହ ସେ ଧସ୍ତାଧସ୍ତି ହୋଇଥିଲା। ଏହାପରେ ସେ ପଡ଼ିଯାଇ ଆହତ ହୋଇଥିଲେ। ଏହାପରେ ତାଙ୍କୁ ଡାକ୍ତରଖାନା ନେବା ସମୟରେ ତାଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟପକ୍ଷେ ଏହି ଘଟଣାରେ ବାସେଳିସାହି ଥାନାରୁ ନିଲମ୍ବିତ ହୋଇଥିବା ଦୁଇଜଣ ଅଧିକାରୀଙ୍କୁ ବାରମ୍ବାର ଜେରା କରାଯାଇ ଘଟଣା ସମ୍ପର୍କରେ ତଥ୍ୟ ନିଆଯାଇଛି।


ଇସ୍କନ ଭକ୍ତମାନେ ଶନିବାର ପୁରୀ ଶ୍ରୀକ୍ଷେତ୍ର ପରିକ୍ରମା ସହ ସଂକୀର୍ତ୍ତନ କରୁଛନ୍ତି।

## ସାଧୁସନ୍ଥ, ଶ୍ରଦ୍ଧାଳୁଙ୍କ ଶ୍ରୀମନ୍ଦିର ପରିକ୍ରମା

**ପୁରୀ ଅଫିସ,୫ା୧୨**

ରାଜ୍ୟର ବିଭିନ୍ନ ସାଧୁସନ୍ଥ ଓ ଶ୍ରଦ୍ଧାଳୁ ସିଂହଦ୍ୱାର ପରିକ୍ରମା ଶନିବାରଠାରୁ ଆରମ୍ଭ କରିଛନ୍ତି। ସେମାନେ ସିଦ୍ଧମହାବୀର, ଚକ୍ରତୀର୍ଥ, ଦରିଆମହାବୀର ପ୍ରଭୃତି ଅଞ୍ଚଳ ପରିକ୍ରମା କରିଛନ୍ତି। ହରିନାମ ସଂକୀର୍ତ୍ତନରେ ଏକ ଭାବମୟ ପରିବେଶ ସୃଷ୍ଟି ହୋଇଥିଲା। ପରିକ୍ରମାରେ ସାମିଲ ଶ୍ରଦ୍ଧାଳୁଙ୍କଠାରେ ଶ୍ରୀ ଚୈତନ୍ୟଙ୍କ ପ୍ରତି ଥିବା ଗଭୀର ଶ୍ରଦ୍ଧାଭାବ ଦେଖିବାକୁ ମିଳିଥିଲା। ଚୈତନ୍ୟ ଯେଉଁ ପଥ ଦେଇ ପରିକ୍ରମା କରିଥିଲେ ସେହି ପଥକୁ ଶ୍ରଦ୍ଧାଳୁ ଓ ସାଧୁସନ୍ଥ ଅନୁସରଣ କରିଥିଲେ। ବିଗତ ବର୍ଷରେ ଏଥିରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ସାମିଲ ହୋଇଥିବା ବେଳେ ଏଥର କରୋନା ପାଇଁ କମ୍ ସଂଖ୍ୟାରେ ସାମିଲ ହୋଇଛନ୍ତି।

# ଥାନାଧିକାରୀଙ୍କ ବଦଳି ରୋକିବାକୁ ଦାବି



**ପୁରୀ ଅଫିସ,୫ା୧୨**

ହାଜତ ମୃତ୍ୟୁ ଘଟଣାକୁ ନେଇ ପୁରୀରେ ବାସେଳିସାହି ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କୁ ବଦଳି ନ କରିବା ଲାଗି ଦାବି ଜୋର ଧରିବାରେ ଲାଗିଛି। ଅନ୍ୟପଟେ କିନ୍ତୁ ବର୍ତ୍ତମାନ ସମୟରେ ଏହି ଘଟଣାର ତଦନ୍ତ ଚାଲିଥିବାରୁ ବାସେଳିସାହି ଥାନାଧିକାରୀଙ୍କୁ ବଦଳି କରିବା ଲାଗି ଓକିଲ ସଂଘ ଦାବି କରୁଛି। ଶନିବାର ମା' ମଶାଣି ଚଣ୍ଡୀ କ୍ଷୁଦ୍ର ପରିବା ବ୍ୟବସାୟୀ ସଂଘର ଶତାଧିକ ଲୋକ ଏସ୍‌ପି ଅଫିସ ଯାଇ ସେଠାରେ ବ୍ୟାନର ଧରି ଜୀବନାନନ୍ଦଙ୍କ ବଦଳି ଅନ୍ୟତ୍ର କରା ନ ଯାଉ ବୋଲି ଦାବି କରିଥିଲେ। ପୁରୀରେ ଅସାମାଜିକ ଲୋକ, ଗୁଣ୍ଡାମାନଙ୍କୁ ଧରି ଜିଲାରେ ଅପରାଧ କମାଇବାରେ ତାଙ୍କର ପ୍ରମୁଖ ଭୂମିକା ରହିଛି। ପୁରୀର ଆଇନଶୃଙ୍ଖଳା ବ୍ୟବସ୍ଥା ଠିକ ଥିବାବେଳେ ପରିବାର ଶାନ୍ତିରେ ରହିପାରୁଛନ୍ତି। ଏସବୁକୁ ଦୃଷ୍ଟିରେ ରଖି ତାଙ୍କ ବଦଳି ରୋକିବା ଲାଗି ସେମାନେ ଏସ୍‌ପିଙ୍କ ନିକଟରେ ଦାବି କରିଛନ୍ତି।

# ମନ୍ଦିର ପ୍ରଶାସନକୁ ଦାୟୀ କଲା ଜଗନ୍ନାଥ ସେନା

**ପୁରୀ ଅଫିସ,୫ା୧୨**

**ନାଗାର୍ଜୁନ ବେଶର ସୂର୍ଯ୍ୟ-ଚନ୍ଦ୍ର ଗାଏବ ଘଟଣା**

ଶ୍ରୀକ୍ଷେତ୍ରରେ ବହୁ କଟକଣାରେ ଦୁର୍ଲଭ ନାଗାର୍ଜୁନ ବେଶ ଅନୁଷ୍ଠିତ ହୋଇଛି। ନୀତି ନିୟମ ରହିବା ସତ୍ତ୍ୱେ ବେଶରେ ଲାଗିଥିବା ସୂର୍ଯ୍ୟ ଓ ଚନ୍ଦ୍ର ଗାଏବ ହୋଇଥିଲା। ଏଭଳି ଘଟଣାକୁ କୋଟି କୋଟି ଭକ୍ତଙ୍କୁ ଆଘାତ ଦେଇଥିବାବେଳେ ମନ୍ଦିର ପ୍ରଶାସନର ଅବହେଳା ଯୋଗୁ ଏଭଳି ହେଲା ବୋଲି ଶନିବାର ଜଗନ୍ନାଥ ସେନା ଅଭିଯୋଗ କରିଛି। ତେବେ କରୋନା ଲାଗି ଶ୍ରୀମନ୍ଦିର ପରିଚାଳନା କମିଟି ଓ ଛତିଶା ନିଯୋଗର ସାମୂହିକ ନିଷ୍ପତ୍ତି ଅନୁଯାୟୀ ନାଗାର୍ଜୁନ ବେଶକୁ ବିନା ଭକ୍ତରେ କରାଯାଇଥିଲା। ପ୍ରଶାସନର ଏହି ନିଷ୍ପତ୍ତିକୁ କୋଟି କୋଟି ଭକ୍ତ ମାନିଲେ। ଏହି ଅଲୌକିକ ବେଶକୁ ଅବଢ଼ା ଯୋଜନାର ସଂଗ୍ରହାଳୟରେ ରଖାଯିବା ଲାଗି ନିଷ୍ପତ୍ତି ହୋଇଥିଲା। ଏପରି କି ଏହି ବେଶକୁ ଦେଖିବାକୁ ହେଲା ଲୋକମାନଙ୍କୁ ମଧ ଅନୁମତି ଦିଆଗଲା ନାହିଁ। ଶେଷରେ ବେଶ ପ୍ରଶାସନ ହାତକୁ ଦିଆଗଲା। ପ୍ରଶାସନ ପାଖରେ ସବୁ ଜିନିଷ ପହଞ୍ଚିଥିବାବେଳେ ହଠାତ୍ ସୂର୍ଯ୍ୟ-ଚନ୍ଦ୍ର ଗାଏବ ହୋଇଯାଇଥିଲା। ଶ୍ରୀମନ୍ଦିରର ଜଣେ କର୍ମଚାରୀ ତାହାକୁ ନେଇ ବାହାରି ଥିବାର ଦେଖାଗଲା। ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ମୁଖ୍ୟ ପ୍ରଶାସକଙ୍କ ପକ୍ଷରୁ ଦିଆଗଲା। ଏଥିରୁ ସ୍ପଷ୍ଟ ଜଣାପଡୁଛି, ସୂର୍ଯ୍ୟ-ଚନ୍ଦ୍ର ଯାହା ବାହାରକୁ ଆସିଛି ତାହା ନିଶ୍ଚିତ ଆବଶ୍ୟକ ଥିଲା। ନ ହେଲେ ତଦନ୍ତ ଲାଗି କାହିଁକି ନିର୍ଦ୍ଦେଶ ଦିଆଗଲା ବୋଲି ଜଗନ୍ନାଥ ସେନା ପକ୍ଷରୁ ଅଭିଯୋଗ କରାଯାଇଛି। ସେନା ପକ୍ଷରୁ ଆହୁରି କୁହାଯାଇଛି, ଯେଉଁ ସୂର୍ଯ୍ୟ-ଚନ୍ଦ୍ର ବାହାରକୁ ଆସିଲା ତା'ର ଆବଶ୍ୟକତା ଥିଲା ସେଥିଲାଗି ତିଆରି ହୋଇଥିଲା। ଯଦି ପ୍ରଶାସନ ପକ୍ଷରୁ ସୂର୍ଯ୍ୟ-ଚନ୍ଦ୍ରର ନକଲ ଚୋରି ହୋଇପାରୁଛି ତେବେ ରତ୍ନଭଣ୍ଡାର କେତେ ସୁରକ୍ଷିତ ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଆହୁରି କହିଛନ୍ତି, ବହୁ ଆନ୍ଦୋଳନ ପ୍ରତିବାଦ ପରେ ୟେସ୍ ବ୍ୟାଙ୍କରୁ ୫୬୦ କୋଟି ଟଙ୍କା ଫେରିଲା। ଏହାପରେ ସେଥିରୁ ବର୍ତ୍ତମାନ ୩୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ତେବେ ନିୟମ ରହିଛି ଯେ, ବ୍ୟାଙ୍କରେ ଥିବା ଟଙ୍କାର ସୁଧରୁ ଅର୍ଥ ଖର୍ଚ୍ଚ ହେବା କଥା। ହେଲେ ଏବେ ମନଇଚ୍ଛା ମହାପ୍ରଭୁଙ୍କ ମୂଳଧନରୁ ଟଙ୍କା ନେଇ ଖର୍ଚ୍ଚ କରାଯାଉଥିବା ପ୍ରିୟଦର୍ଶନ ପଟ୍ଟନାୟକ ଅଭିଯୋଗ କରିଛନ୍ତି।

## ପରୀ ଘଟଣା: ମନ୍ତ୍ରୀଙ୍କ ଇସ୍ତଫା ଦାବି

**ଖୋର୍ଦ୍ଧା ଅଫିସ,୫ା୧୨**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ବାଣପୁର-ବାଲୁଗାଁ ନାଚୁଣୀ ଶାଖା ପକ୍ଷରୁ ନୟାଗଡ଼ ଜିଲା ପରୀ ଘଟଣାରେ ଉଚ୍ଚ ଶିକ୍ଷାମନ୍ତ୍ରୀ ଅରୁଣ ସାହୁଙ୍କ ଇସ୍ତଫା ଦାବି କରାଯାଇଛି। ଏ ନେଇ ଶନିବାର ନାଚୁଣୀ ପେଟ୍ରୋଲ ପମ୍ପ ସମ୍ମୁଖରେ ଏକାଧିକ କର୍ମୀ ହାତରେ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏସଆଇଟି ନୁହଁ ସିବିଆଇ ଦ୍ୱାରା ତଦନ୍ତ କରାଯାଉ ବୋଲି ମଧ ଦାବି କରିଥିଲେ। ଏହି ମାମଲାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରା ନ ଗଲେ, ଆଗକୁ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏହି ବିକ୍ଷୋଭରେ ନଗର ସହ ସମ୍ପାଦକ ଶୁଭମ ତ୍ରିପାଠୀ, ବିକାଶ ସେଠୀ, ଆଶାତୀତ ସାହୁ, ବିପ୍ଳବ ଗୁରୁ, ଝସକେତନ ସାହୁ, ସୋନାଲି ରାଉତ, ପ୍ରଭୁ ସ୍ୱାଇଁ, ସତ୍ୟ ମହାପାତ୍ର, ଚିନ୍ମୟ ଗୁରୁ, ସୋମନାଥ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ

**ପୁରୀ ଅଫିସ,୫ା୧୨:** ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଶନିବାର ପାଳନ କରାଯାଇଛି। ଏହି ଅବସରରେ ଜିଲା ପରିଷଦ ଅଧକ୍ଷା ଜ୍ୟୋତିର୍ମୟୀ ଦଳାଇ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ମୃତ୍ତିକା ସଂରକ୍ଷଣ ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ଉପର ୬ଇଞ୍ଚ ମାଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏବଂ ୨୫ଭାଗ ଅଣୁଜୀବ ରହୁଥିବା ଯୋଗୁ ଏହାର ଯତ୍ନ ନେବା ଅତ୍ୟନ୍ତ ଜରୁରୀ ବୋଲି ସେ କହିଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ନାଥଶର୍ମା ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଛନ୍ତି, କୃଷକମାନେ ଜୈବିକ କୃଷି ଉପରେ ଯଥେଷ୍ଟ ଧ୍ୟାନଦେବା ଆବଶ୍ୟକ। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସଞ୍ଜୟ ମହାନ୍ତି କହିଛନ୍ତି, ମାଟି ସହ ଜୀବାଣୁ, କବକ ଓ ଶୈବାଳ ଭଳି ଅଣୁଜୀବୀମାନଙ୍କ ସୁରକ୍ଷା ଆବଶ୍ୟକ। ଜିଲା ମୁଖ୍ୟ କୃଷି ଅଧିକାରୀ ଅଂଶୁମାନ ପଟ୍ଟନାୟକ କହିଛନ୍ତି, ବିଶ୍ୱବାସୀଙ୍କୁ ମାଟିରୁ ୯୫ ଭାଗ ଖାଦ୍ୟ ମିଳିଥାଏ। ବର୍ତ୍ତମାନ ୩୩ ପ୍ରତିଶତ ଉପର ମାଟି ନଷ୍ଟ ହେବାର ଆଶଙ୍କା ରହିଛି। ଏ ଦିଗରେ ବିଚାର କରିବାର ସମୟ ଆସିଛି ବୋଲି ସେ କହିଛନ୍ତି।

# 'କୃଷି ଉତ୍ପାଦ ବିକ୍ରି ଉପରେ ଗୁରୁତ୍ୱ'



ବୈଠକରେ ଭାରତୀୟ କିଷାନ ସଂଘର କର୍ମକର୍ତ୍ତା।

**ଖୋର୍ଦ୍ଧା ଅଫିସ,୫ା୧୨**

ବାଣପୁର ବ୍ଲକ ଅନ୍ତର୍ଗତ ଗାୟତ୍ରୀ ଆଶ୍ରମ ପରିସରରେ ଶନିବାର ଭାରତୀୟ କିଶାନ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କୃଷି ଓ କୃଷକଙ୍କ ବିଭିନ୍ନ ସମସ୍ୟା, କୃଷି ଉତ୍ପାଦର ବିକ୍ରି ଉପରେ ଆଲୋଚନା ହୋଇଥିଲା। ସଂଘ ଜିଲା ସଭାପତି ପଠାଣି ବଳବନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ରାଜ୍ୟ ଉପଦେଷ୍ଟା ଶରତ ମୋହନ ମିଶ୍ର, ପ୍ରାନ୍ତ ସାଧାରଣ ସମ୍ପାଦକ ଜାନକୀ ବଲ୍ଲଭ ସ୍ୱାଇଁ, ଜିଲା କାର୍ଯ୍ୟକାରୀ ସଭାପତି ବୈକୁଣ୍ଠନାଥ ମହାପାତ୍ର, ସମ୍ପାଦକ ଗଗନ ପ୍ରତିହାରୀ, କାର୍ଯ୍ୟକାରିଣୀ ସଦସ୍ୟ ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଯୋଗେନ୍ଦ୍ରନାଥ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନବନିର୍ମାଣ କୃଷକ ସଙ୍ଗଠନର ବିକ୍ଷୋଭ

**ଖୋର୍ଦ୍ଧା ଅଫିସ,୫ା୧୨**



କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନ ପ୍ରତ୍ୟାହାର ଦାବିରେ ଦିଲ୍ଲୀରେ ବିଭିନ୍ନ ରାଜନୈତିକ ଓ ଚାଷୀ ସଙ୍ଗଠନ ପକ୍ଷରୁ ଚାଲିଥିବା ଆନ୍ଦୋଳନ ତେଜିବାରେ ଲାଗିଛି। ଏହାକୁ ସମର୍ଥନ ଜଣାଇ ଖୋର୍ଦ୍ଧା ନବନିର୍ମାଣ କୃଷକ ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇଛି। ଶନିବାର ପୂର୍ବାହ୍ନରେ ସ୍ଥାନୀୟ ନୂଆବସଷ୍ଟାଣ୍ଡଠାରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯାଇଥିଲା। ଫଳରେ ଉଭୟ ପଟୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଏହି ଅବସରରେ ସଙ୍ଗଠନ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କକରାଯାଇଥିଲା। ଏଥିସହିତ ୧୨ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଜିଲା ସଂଯୋଜକ ସୁରେଶ ଚନ୍ଦ୍ର ମାନସିଂଙ୍କ ନେତୃତ୍ୱରେ ଜିଲା ସଭ୍ୟ ଅନ୍ତର୍ଯ୍ୟାମୀ ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ମାନସ ମହାପାତ୍ର, ବେଗୁନିଆ ବ୍ଲକ ସଂଯୋଜକ ମଦନ ମୋହନ ସାହୁ, ବୋଲଗଡ ବ୍ଲକ ସଂଯୋଜକ ଜୟନ୍ତ ତ୍ରିପାଠୀ, ସହସଂଯୋଜକ କାହ୍ନୁ ବେହେରା, ଖୋର୍ଦ୍ଧା ବ୍ଲକ ସଂଯୋଜକ ନିରଞ୍ଜନ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

# ଅନ୍‌ଲାଇନରେ ପରୀକ୍ଷା ଦେଲେ ୭୦,୩୨୧ ବିଦ୍ୟାର୍ଥୀ

**ଖୋର୍ଦ୍ଧା ଅଫିସ,୫ା୧୨**

**ଖୋର୍ଦ୍ଧା ଜିଲାରେ ଶିକ୍ଷା ସଂଯୋଗ କାର୍ଯ୍ୟକ୍ରମର ସଫଳତା**

ଖୋର୍ଦ୍ଧା ଶିକ୍ଷା ଜିଲା ଅଧୀନରେ ଚଳିତ ୨୦୨୦-୨୧ ଶିକ୍ଷାବର୍ଷ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଅନ୍‌ଲାଇନରେ ଟେଷ୍ଟ ପରୀକ୍ଷା ଆରମ୍ଭ ହୋଇଛି। ଶିକ୍ଷା ସଂଯୋଗ କାର୍ଯ୍ୟକ୍ରମ ମାଧମରେ ୩ ତାରିଖରୁ ଆରମ୍ଭ ହୋଇଥିବା ଏହି ପରୀକ୍ଷା ୧୨ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରାଥମିକ ପର୍ଯ୍ୟାୟରେ ଇଂଲିଶ, ସାହିତ୍ୟ, ସଂସ୍କୃତ ଏବଂ ହିନ୍ଦୀ ପରୀକ୍ଷା ୩ଦିନ ଧରି ଅନୁଷ୍ଠିତ ହୋଇଥିଲା। ଜିଲାରୁ ମୋଟ୍ ୭୦,୩୨୧ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ଇଂଲିଶ ପରୀକ୍ଷାରେ ୨୨୭୮୨, ସାହିତ୍ୟରେ୨୪୦୭୯, ସଂସ୍କୃତରେ ୧୬୦୭୫ ଏବଂ ହିନ୍ଦୀ ପରୀକ୍ଷାରେ ୭୩୮୫ ଛାତ୍ରୀଛାତ୍ର ଅନଲାଇନରେ ଆଣ୍ଡ୍ରଏଡ୍ ମୋବାଇଲ ଫୋନ ଜରିଆରେ ଅଂଶଗ୍ରହଣ କରିଥିଲେ। ଆଣ୍ଡ୍ରଏଡ୍ ମୋବାଇଲ ନ ଥିବା ଛାତ୍ରୀଛାତ୍ର ଆଣ୍ଡ୍ରଏଡ୍ ମୋବାଇଲ ଥିବା ବିଦ୍ୟାର୍ଥୀଙ୍କ ପରୀକ୍ଷା ସରିବା ପରେ ଜଣକ ପରେ ଜଣେ ଏହି ପରୀକ୍ଷା ଦେବାର ସୁଯୋଗ ହାସଲ କରିଥିଲେ। ଜିଲାରୁ ୯୬ପ୍ରତିଶତ ସରକାରୀ ଏବଂ ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର ଏହି ପରୀକ୍ଷାରେ ଅଂଶଗ୍ରହଣ କରିଥିବା ଜିଲା ଶିକ୍ଷାଧିକାରୀ ବନ୍ଦନା ମହାପାତ୍ର କହିଛନ୍ତି।

ପ୍ରକାଶ ଯେ, କରୋନା ମହମାରୀ ଯୋଗୁ ଗତ ମାର୍ଚ୍ଚଠାରୁ ରାଜ୍ୟରେ ସମସ୍ତ ସ୍କୁଲ, କଲେଜରେ ପାଠପଢ଼ା ବନ୍ଦ ରହିଛି। ଏହି ସମୟରେ ପିଲାଙ୍କ ପାଠପଢାରେ ଯେପରି ବ୍ୟାହତ ନ ହେବ ସେଥିଲାଗି ଖୋର୍ଦ୍ଧା ଶିକ୍ଷା ଜିଲା ପକ୍ଷରୁ ପ୍ରଥମେ ଶିକ୍ଷା ସଂଯୋଗ ନାମରେ ପିଲାଙ୍କ ଅନଲାଇନରେ ପାଠପଢା ଆରମ୍ଭ ହୋଇଥିଲା। ପରବର୍ତ୍ତି ସମୟରେ ଏହା ଅନ୍ୟ ଜିଲାରେ କାର୍ଯ୍ୟକାରୀ ହୋଇଥିଲା। ଦଶମ ଶ୍ରେଣୀ ପିଲାଙ୍କ ପାଠପଢାରେ କୌଣସି ବାଧା ସୃଷ୍ଟି ନ ହେବ ଏବଂ ଆଗାମୀ ମାଟ୍ରିକ ପରୀକ୍ଷାରେ ଯେପରି ପିଲାଙ୍କ ଫଳାଫଳ ଭଲ ହେବ, ସେଥିଲାଗି ବିଭିନ୍ନ ଗ୍ରୁପ ମାଧମରେ ବିଷୟ ଭିତ୍ତିକ ଶିକ୍ଷକଙ୍କୁ ନେଇ ପାଠପଢା ଜାରି ରଖିଥିଲେ। ପିଲାଙ୍କୁ ଯୋଗ୍ୟତା ଅନୁସାରେ ବିଭିନ୍ନ ଗ୍ରୁପରେ ବିଭକ୍ତ କରି ପାଠପଢା ପ୍ରତି ଗୁରୁତ୍ୱ ଦେଇଥିଲେ। ଏବେ ଦଶମ ପିଲାଙ୍କ ଅନଲାଇନ ମାଧମରେ ଟେଷ୍ଟ ପରୀକ୍ଷା ସଫଳ ରୂପାୟନକୁ ନେଇ ଅଭିଭାବକଙ୍କଠାରୁ ବିଦ୍ୟାର୍ଥୀ ପର୍ଯ୍ୟନ୍ତ ସମସ୍ତଙ୍କୁ ଉତ୍ସାହ ଆଣିଦେଇଛି। ଛାତ୍ରୀଛାତ୍ରମାନେ ଆନନ୍ଦର ସହିତ ପରୀକ୍ଷାରେ ଅଂଶଗ୍ରହଣ କରିଥିବା ଡିଇଓ ମହାପାତ୍ର କହିଛନ୍ତି। ଏହି ସଫଳତା ଲାଗି ଓଷ୍ଟା ଜିଲା ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକ ସମ୍ପାଦକ ସୁଧାକର ମହାପାତ୍ର ପ୍ରମୁଖ ଡିଇଓଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।